# ପିଲାଙ୍କ ଧରିତ୍ରୀ

ଶନିବାର,୨୭ ଏପ୍ରିଲ, ୨୦୧୯





୭ ଜଣା ଅଜଣା

୮ ଆଇନା

୬ କବିତା

୩ ଆସ ଜାଣିବା

## ମତାମତ

- ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ପରିଶ୍ରମ ବିନା ଫଳ ମିଳେନି' ବେଶ୍ ଶିକ୍ଷଣୀୟ ହୋଇଛି। ବାସ୍ତବରେ ପରିଶ୍ରମୀ ଏବଂ କର୍ମତତ୍ପର ବ୍ୟକ୍ତି ହିଁ ସଫଳତା ପାଇଥାନ୍ତି।

  – ଶର୍ମିଷ୍ଠା ସ୍ୱାଇଁ
  ପାପଡାହାଣ୍ଡି, ନବରଙ୍ଗପୁର

- ପ୍ରକୃତିର ବିସ୍ମୟ 'ନମନୀୟ ପଥର' ବେଶ୍ ପଠନ ଉପଯୋଗୀ ବିଷୟ ହୋଇଛି। ହସକଥା ସ୍ତମ୍ଭରେ ସ୍ଥାନିତ ଫ୍ରିଜ୍ କଥାଟି ପଢି ଖୁବ୍ ହସିଲି।

  – ଜ୍ୟୋତିର୍ମୟୀ ପଟ୍ଟନାୟକ
  ପାଟକୁରା, କେନ୍ଦ୍ରାପଡା


- 'କିଙ୍ଗଡମ୍ ଅଫ୍ ଲିଟିଲ୍ ପିପୁଲ୍' ପାର୍କରେ ବାମନମାନଙ୍କ ପାଇଁ ଥିବା ସୁବିଧା ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା।

  – ପରେଶ ମହାପାତ୍ର,
  ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

- ଆସ ଖୋଜିବା ଏବଂ କହିଲ ଦେଖି ର ଉତ୍ତର ଦେବାକୁ ମଜା ଲାଗୁଛି।

  – ବ୍ରଜକିଶୋର ପରିଡା
  ସନ୍ଥପଡା, ତାଳଚେର

# ପବନରୁ ଖୋଜ ଭଗବାନ




ଭଗବାନ ଏଠି ସେଠି ସର୍ବତ୍ର ବିଦ୍ୟମାନ। ଜଳ, ସ୍ଥଳ, ଆକାଶ, ପବନ ସବୁଠି ଭଗବାନଙ୍କର ସତ୍ତା ରହିଛି। ସେ ତିଆରି କରିଥିବା ପ୍ରତିଟି ବସ୍ତୁ, ଜୀବଜଗତ ତଥା ସାରା ସଂସାରଟି ତାଙ୍କରି ନିର୍ଦ୍ଦେଶରେ ପରିଚାଳିତ ହୋଇଥାଏ। ଏପରିକି ପବନ ଭିତରେ ଭଗବାନ ଅଛନ୍ତି ବୋଲି ଏକ ସତ୍ୟଘଟଣାରୁ ଆମେ ଜାଣିପାରିବା।

ମୋଗଲ ସାମ୍ରାଜ୍ୟର ସମୟ। ମହାରାଷ୍ଟ୍ରର ଜଣେ ଶ୍ରେଷ୍ଠ ହିନ୍ଦୁ ଶାସକ ଥିଲେ ଛତ୍ରପତି ଶିବାଜୀ। ତାଙ୍କର ପରମଗୁରୁ ଥିଲେ ରାମଦାସ। ଗୁରୁ ରାମଦାସ ଗାଁ ଗାଁ ବୁଲି ଭିକ୍ଷା କରନ୍ତି, ଭିକ୍ଷା ସାରି ସେଦିନ କୌଣସି ଏକ ନଦୀ କୂଳରେ ଥିବା ବରଗଛ ମୂଳରେ ବସିଥାଆନ୍ତି। ଏମିତି ନିରୋଳାରେ ନୀରବରେ ବସିଥିବାବେଳେ ଦଳେ ଗୋରୁ ଜଗାଳି ପିଲା ଆସି ତାଙ୍କ ସହ ଥଟ୍ଟା ପରିହାସ ହେଲେ। କହିଲେ 'ବାବାଜୀ ଆମକୁ ଦୀକ୍ଷା ଦିଅ'। ଗୁରୁ ରାମଦାସ ହସି ହସି କହିଲେ, ତୁମେମାନେ ପିଲା। ଏ ବୟସରୁ ତୁମେ କ'ଣ ଦୀକ୍ଷାର ମହତ୍ତ୍ୱ ଜାଣିପାରିବ ? ତୁମେ ସମସ୍ତେ ଫେରିଯାଅ।' ପିଲାମାନେ ସେଦିନ ତାଙ୍କ କଥା ମାନି ଫେରିଗଲେ। ଏମିତି କିଛିଦିନ ଗଲାପରେ ଆଉ ଏକ ଦିନର ଖରାବେଳ ସମୟ। ଗୁରୁ ରାମଦାସ ଠିକ୍ ସେହି ନଦୀକୂଳ ଗଛ ମୂଳରେ ନୀରବରେ ବସିଥାଆନ୍ତି। ସେଇ ପିଲାଦଳକ ଆସି ଗୁରୁଙ୍କ ନିକଟରେ ପହଞ୍ଚି ଦୀକ୍ଷା ନେବାକୁ ଜିଦ୍ ଧରିଲେ। ଏଥର ଗୁରୁ ଚିନ୍ତା କଲେ। ଏ ପିଲାମାନଙ୍କୁ ଉଚିତ୍ ଶିକ୍ଷା ଦେବାକୁ ପଡ଼ିବ। ଏହି ଶିକ୍ଷାରୁ ସେମାନେ ଦୀକ୍ଷା ପାଇପାରିବେ। ସେ ପିଲାମାନଙ୍କୁ ନିଜ ପାଖକୁ ଡାକିଲେ। କହିଲେ ପ୍ରଥମେ ଦୁଇଜଣ ପିଲା ଏଇ ନଦୀକୁ ଆସ। ପିଲାମାନେ ତାଙ୍କ କଥା ମାନି ନଦୀରେ ପଶିଲେ। ଆଣ୍ଠୁଏ, ପେଟେ ପାଣିରେ ସେମାନେ ପଶିଲେ। ଗୁରୁ କହିଲେ, ଆଉ ଟିକିଏ ଆସ, ପିଲାମାନେ ତାଙ୍କ କଥା ମାନି, ବେକ ବୁଡ଼ିବା ଯାଏ ପାଣିରେ ପଶିଲେ।

ତା'ପରେ ଗୁରୁ ରାମଦାସ ସେଇ ଦୁଇଜଣ ପିଲାଙ୍କ ମୁଣ୍ଡକୁ ୩ଥର ଚାପିଧରି ପାଣିରେ ବୁଡାଇଲେ। ପିଲାମାନେ ଅଣନିଃଶ୍ୱାସୀ ହୋଇଗଲେ। ଅନ୍ୟ ପିଲାମାନେ ନଈ ପଠା ଉପରେ ଥାଆନ୍ତି। ଗୁରୁ ପାଣିରେ ପଶିଥିବା ପିଲାମାନଙ୍କୁ ନଈ ଉପରକୁ ଡାକିଲେ ପଚାରିଲେ, 'ଆଚ୍ଛା ପିଲାମାନେ ତୁମେ ଖାଣ୍ଟି ସତକଥା କହିବ, ମୁଁ ଯେତେବେଳେ ତୁମ ମୁଣ୍ଡକୁ ପାଣିରେ ବୁଡାଇଥିଲି। ତୁମେ କ'ଣ ଭାବୁଥିଲ' ? ପିଲାମାନେ ଉତ୍ତର ଦେଲେ, 'ଆମେ ପାଣିରେ ବୁଡୁଥିବା ବେଳେ କେବଳ ବଞ୍ଚିବା ପାଇଁ ପବନ ଟିକିଏ ପାଇବାକୁ ବାରମ୍ବାର ଚାହୁଁଥିଲୁ।' ଗୁରୁ ହସିକରି କହିଲେ, 'ତୁମେ ଏବେ ତୁମର ଦୀକ୍ଷା ପାଇଯାଇଥିବ। ତୁମେମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛ। ପାଣିରେ ବୁଡ଼ିବା ବେଳେ ତୁମେ ଯେଉଁ ପବନ ଖୋଜୁଥିଲ। ତାରି ଭିତରେ ଭଗବାନ ବିଦ୍ୟମାନ। ପାଣି ଓ ପବନ ତୁମେ ଯେଉଁଠିକି ତାଙ୍କୁ ଡାକିଲେ ଭଗବାନଙ୍କୁ ପାଇପାରିବ। ଏଣୁ ତୁମେମାନେ ଏ ପାଠପଢା ବୟସରେ ପାଠ ନ ପଢି, ସ୍କୁଲକୁ ନ ଯାଇ ଏଣେତେଣେ ବୁଲି ସମୟକୁ ନଷ୍ଟ କରୁଛ। ଭଗବାନ ସବୁ ଦେଖୁଛନ୍ତି। ତୁମେମାନେ ଯଦି ଭଲ ମଣିଷ ହେବାକୁ ଚାହୁଁଛ ତେବେ ଯେଉଁ ବୟସରେ ଯାହା କରିବା କଥା ତାହା କର। ନଚେତ ଏ ମୂଲ୍ୟବାନ ଜୀବନଟି ନଷ୍ଟ ହୋଇଯିବ। ତୁମେମାନେ ପାଠପଢି ବଡ଼ ମଣିଷ ସହିତ ଭଲ ମଣିଷ ହେବାକୁ ଚେଷ୍ଟା କର। ତେବେ ତୁମେ ତୁମର ଲକ୍ଷ୍ୟରେ ପହଞ୍ଚିପାରିବ। ଏହି ଶିକ୍ଷା ହେଉଛି ପ୍ରତିଟି ମଣିଷ ପାଇଁ ଦୀକ୍ଷା। ପିଲାମାନେ ଏତେଗୁଡ଼ିଏ ମହତ୍‌ବାଣୀ ଗୁରୁ ରାମଦାସଙ୍କ ଠାରୁ ଶୁଣି ତାଙ୍କ ପାଦତଳେ ପଡିଗଲେ। କହିଲେ, 'ସତରେ ଆପଣ କେଡେ ମହାନ, ଆମକୁ ଶିକ୍ଷା ମାଧ୍ୟମରେ ଦୀକ୍ଷା ଦେଲେ।' ଶେଷରେ ଏହି ପିଲାମାନେ ନିଜକୁ ଜଣେ ଜଣେ ଭଲ ମଣିଷ ଭାବେ ଗଢି ଦେଶ ଦୁନିଆର ନାମ ରଖିଲେ।

**–ଶଶଧର ମହନ୍ତୀ**
ପ୍ରଧାନଶିକ୍ଷକ
ବରାଳପୋଖରୀ, ଚରମ୍ପା, ଭଦ୍ରକ
ମୋ: ୭୯୭୮୫୦୬୬୪୭

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ବିନ୍ଦୁ ଯୋଡ଼



-ବସ୍‌ରେ ଜଣେ ବୁଢ଼ା ବ୍ୟକ୍ତିଙ୍କ ସହ ୯ଜଣ ପିଲା ଯାଉଥିଲେ । ପିଲାମାନେ ବସ୍ ଭିତରେ ଜୋର୍ ଜୋର୍ ପାଟି କରୁଥିଲେ। ଏହାଶୁଣି ବୁଢ଼ା ଜଣକ ବାଡିକୁ ଠକ୍‌ଠକ୍ କଲେ। ଏହା ଦେଖି ପିଲାମାନେ କହିଲେ ବାଡିରେ ଯଦି ଗୋଟିଏ ରବର ଭଳି କିଛି ଜିନିଷ ଲଗାଇ ଦିଅନ୍ତ ତେବେ ଶବ୍ଦ ହୁଅନ୍ତା ନାହିଁ। ଏହା ଶୁଣି ବୃଦ୍ଧ ଜଣକ କହିଲେ: ତୁମେମାନେ ମଧ୍ୟ ଯଦି ପାଟିରେ ଏମିତି କିଛି ଲଗେଇଦିଅନ୍ତ ତେବେ ଶବ୍ଦ ହୁଅନ୍ତାନି।





ଚିନୁ: ସାଙ୍ଗ, ତୋ ସାଇକେଲ ଟିକେ ମୋତେ ଦେବୁ।
ବିଟୁ: ନା ଦେବିନି।
ଚିନୁ: ଯଦି ତୁ ତୋ ସାଇକେଲ ନ ଦେଉ ତେବେ ମୋ ମନ ଖଟା ହୋଇଯିବ।
ବିଟୁ: ଅଳ୍ପ ଟିକେ ଚିନି ଖାଇଦେବୁ ପୁଣି ମିଠା ହେଇଯିବ।

ରାସ୍ତାରେ ରାଜୁବାବୁ ଯାଉଥିବା ଦେଖି ଭିକାରୀ କହିଲା: ବାବୁ ମୋତେ କିଛି ଟଙ୍କା ଦେବେ ?
ରାଜୁବାବୁ: ଆରେ ଭାଇ ହଟା କଟା ହୋଇଛ କିଛି କାମ କରୁନ,ଭିକ କାହିଁ ମାଗୁଛ ?
ଭିକାରୀ: ମୁଁ ଟଙ୍କା ମାଗୁଛି, ଉପଦେଶ ନୁହେଁ।

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795





# ସାପର ଗୋଡ଼ ନାହିଁ କାହିଁକି ?




ସ୍ତନ୍ୟପାୟୀ ପ୍ରାଣୀ ଗୋଷ୍ଠୀରେ ସାପକୁ ଅନ୍ତର୍ଭୁକ୍ତ କରାଯାଇଛି । ସାପର ଗୋଡ଼ କାହିଁକି ନ ଥାଏ, ଏହାର ଉତ୍ତର ସାପଙ୍କର ଜୀବାଶ୍ମର ନୂତନ ଅଧ୍ୟୟନରୁ ଜଣାପଡ଼ିଛି । ବୈଜ୍ଞାନିକମାନଙ୍କୁ ୯୦ ଲକ୍ଷ ବର୍ଷ ପୁରୁଣା ସାପର ଅବଶେଷରୁ ସେମାନଙ୍କର ବିକାଶ ସମ୍ବନ୍ଧରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ବୈଜ୍ଞାନିକମାନେ ଆଧୁନିକ ସାପ ଓ ଅବଶେଷର ସିଟି ସ୍କାନ୍‌ର ତୁଳନାତ୍ମକ ଅଧ୍ୟୟନ କରିଥିଲେ । ଏଥିରୁ ଜଣାପଡ଼ିଲା କି ସାପର ଗୋଡ଼ ନ ଥିବା ପଛରେ ପୂର୍ବଜଙ୍କ ଭୂମିକା ଅଛି । ଏଡିନ୍‌ବରା ୟୁନିଭର୍ସିଟିର ଅନୁସନ୍ଧାନକାରୀଙ୍କ ମତାନୁସାରେ ସାପ ନିଜର ଗୋଡ଼ କିପରି ହରାଇଛି, ତାହା ଦୀର୍ଘ ସମୟ ପର୍ଯ୍ୟନ୍ତ ବୈଜ୍ଞାନିକମାନଙ୍କ ନିମନ୍ତେ ରହସ୍ୟ ଥିଲା ।

ସାପର ପୂର୍ବଜମାନେ ବିଲରେ ଏବଂ ହୁଙ୍କାରେ ରହୁଥିଲେ । ଏହି ସ୍ଥାନରେ ରହିବା କାରଣରୁ ସେମାନେ ଜମିରେ ଗୁରୁଣ୍ଡିବାକୁ(ଘୁଷୁରିବା) ଅଭ୍ୟାସରେ ପରିଣତ କରି ଗୋଡ଼କୁ ବ୍ୟବହାର କରିବା ବନ୍ଦ କରିଦେଲେ । ସେହି କାରଣରୁ ଗୋଡ଼ ପିଢ଼ି ପରେ ପିଢ଼ି ଲୁପ୍ତ ହୋଇଗଲା । ବୈଜ୍ଞାନିକମାନେ ୩ମିଟର ଲମ୍ବ କ୍ରେଟିସିୟସ ସାପର ବିଲୁପ୍ତ ପ୍ରଜାତି ଡିନିଲିସୟା ପୈଟାଗୋନିକାର କାନର ଭିତର ହାଡ଼ର ସିଟି ସ୍କାନ୍ କରି ପରୀକ୍ଷଣ କରିଥିଲେ । ଏଥିରୁ ଜଣାପଡ଼ିଲା ଯେ ଆଧୁନିକ ସାପ ପରି ଡିନିଲିସୟା ପୈଟାଗୋନିକାର ଗୁହା ଏବଂ ନଳୀ ସାପଙ୍କର ଶୁଣିବା ଶକ୍ତିକୁ ନିୟନ୍ତ୍ରିତ କରିଥାଏ । ବୈଜ୍ଞାନିକମାନେ ଏକ ଥ୍ରୀ-ଡି ମଡେଲ ସହାୟତାରେ ଜୀବାଶ୍ମର କାନର ଆଭ୍ୟନ୍ତରୀଣ ଅଂଶଗୁଡ଼ିକର ତୁଳନା ଆଧୁନିକ ସାପଙ୍କର ଅଙ୍ଗଗୁଡ଼ିକ ସହ କରିଥିଲେ । ପରେ ସେମାନେ କାନରେ ଏକ ବିଶେଷ ସଂରଚନାକୁ ପାଇଥିଲେ, ଯାହା ସାପକୁ ଶିକାର ଏବଂ ଶିକାରୀର ସନ୍ଧାନ କରିବାରେ ସାହାଯ୍ୟ କରୁଥିଲା । ଏହି ସଂରଚନା ଜଳ ଓ ଜମିରେ ରହୁଥିବା ଆଧୁନିକ ସାପଙ୍କ ନିକଟରେ ମହଜୁଦ ନାହିଁ । ଏହି ଅନୁସନ୍ଧାନରୁ ବୈଜ୍ଞାନିକମାନଙ୍କୁ ସାପର ବିକାଶ ସମ୍ବନ୍ଧରେ ଅନେକ ତଥ୍ୟ ମିଳିଲା ଏବଂ ଏହା ସ୍ପଷ୍ଟ ହୋଇଗଲା ଯେ ଡିନିଲିସୟା ପୈଟାଗୋନିକା, ବିଲ ଏବଂ ହୁଙ୍କାରେ ରହୁଥିବା ସବୁଠାରୁ ଲମ୍ବା ସାପ ଥିଲା । ଏହି ଅଧ୍ୟୟନ ସାଇନ୍ସ ଆଡଭାନ୍ସ ନାମକ ପତ୍ରିକାରେ ପ୍ରକାଶିତ ହୋଇଥିଲା ।

**-ସ୍ମିତା ନାୟକ**
*ଭଞ୍ଜନଗର, ଗଞ୍ଜାମ*










## ଆସ ଜାଣିବା

# ମ୍ୟୁଜିୟମ ଅଫ୍ ଆଇସକ୍ରିମ୍

ଧୁ ଧୁ ଖରାବେଳେ ଯଦି ମନ ପସନ୍ଦର ଆଇସ୍‌କ୍ରିମ୍‌ଟେ ମିଳିଯାଏ ତେବେ ଅସହ୍ୟ ଗରମର ଯନ୍ତ୍ରଣା ଆପଣା ଛାଏଁ ଉଭେଇଯାଏ। ପିଲାଠାରୁ ବୁଢ଼ା ସମସ୍ତଙ୍କର ପସନ୍ଦ ଏହି ଆଇସ୍‌କ୍ରିମ୍। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ, ଏହି ଆଇସ୍‌କ୍ରିମ ଥିମ୍‌କୁ ନେଇ କାଲିଫର୍ନିଆର ସାନ୍‌ଫ୍ରାନ୍ସିସ୍କୋଠାରେ ପ୍ରତିଷ୍ଠା କରାଯାଇଛି 'ମ୍ୟୁଜିୟମ ଅଫ୍ ଆଇସ୍‌କ୍ରିମ୍'। ଏହି ସ୍ଥାନଟି ସବୁ ବର୍ଗର ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ୨୦୧୭ ମସିହାରେ ମେରି ଏଲିସ୍ ବନ୍ ଏବଂ ମନିସ୍ ଭୋରାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି ମ୍ୟୁଜିୟମରେ ଆଇସ୍‌କ୍ରିମ୍ ଓ କ୍ୟାଣ୍ଡି ଥିମ୍‌ର ବିଭିନ୍ନ ଆର୍ଟ ଓ୍ୱର୍କ ପ୍ରଦର୍ଶିତ ହେବା ସହ ରହିଛି ମଧ୍ୟ ସ୍ପ୍ରିଙ୍କଲ ପୁଲ୍, ମିଣ୍ଟ ଚିପ୍ ଜଙ୍ଗଲ, ମ୍ୟାଜିକାଲ କ୍ୟାଣ୍ଡି ଗାର୍ଡେନ, ଗ୍ୟାଲେରି ଅଫ୍ ବାନାନା ଭଳି ଅନେକ ଆମୋଦଦାୟକ ସ୍ଥାନ। ଏଠାରେ ପର୍ଯ୍ୟଟକମାନେ ଏହିସବୁ ଆର୍ଟ ଓ୍ୱର୍କ ବୁଲି ଦେଖିବା ସହ ବିଭିନ୍ନ ସୁସ୍ୱାଦୁ ଆଇସ୍‌କ୍ରିମ୍‌ର ମଜା ମଧ୍ୟ ନେଇପାରିବେ। ଏହି ସ୍ଥାନକୁ ଭ୍ରମଣ କରିବାକୁ ହେଲେ ଆଗୁଆ ଅନ୍ ଲାଇନ ଟିକେଟ ବୁକିଂ କରିବାକୁ ପଡ଼ିଥାଏ। ତେବେ ବର୍ଷର କେତେକ ନିର୍ଦ୍ଦିଷ୍ଟ ସମୟରେ ହିଁ ଏହି ମ୍ୟୁଜିୟମଟି ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଥାଏ।








୧




୨





୩



୪




୫



୬



୭



୮



୯



୧୦



୧

**ଭାସ୍ୱତୀ ବିଶୋଇ**
କ୍ଲାସ -୪,
କେନ୍ଦ୍ରୀୟ ବିଦ୍ୟାଳୟ – ୩,
ମଞ୍ଚେଶ୍ୱର, ଭୁବନେଶ୍ୱର

**ସମୀକ୍ଷା ଜେନା**
କ୍ଲାସ-୭ , ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଗତ୍‌ସିଂହପୁର

୨





୩

**ଅୟସକାନ୍ତ ପତି**
କ୍ଲାସ-୩, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର

**ଉଷାଶ୍ରୀ ପ୍ରିୟଦର୍ଶିନୀ**
କ୍ଲାସ-୩, ଓଡିଏମ୍ ପବ୍ଲିକ୍ ସ୍କୁଲ, ପଟିଆ, ଭୁବନେଶ୍ୱର

୪





୫

**ନିଖିଳେଶ ମହାନ୍ତି**
କ୍ଲାସ-୩, ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍ -୮, ଭୁବନେଶ୍ୱର

**ପ୍ରୀତି ଦିପ୍‌ସା**
କ୍ଲାସ-୧, ଆଇଟିବିପି ପବ୍ଲିକ୍ ସ୍କୁଲ, ତରତୁଆ, ଖୋର୍ଦ୍ଧା

୬





୭

**ସାଇ ଆୟୁଷ ମହାପାତ୍ର**
କ୍ଲାସ-୩, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରସୁଲଗଡ, ଭୁବନେଶ୍ୱର

**ସୁଦୀପା ଦେହୁରୀ**
କ୍ଲାସ-୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜରପଡା, କେନ୍ଦ୍ରାପଡା

୮





୯

**ଯୋଦ୍ଧାଜିତ୍ ଧରୁଆ**
କ୍ଲାସ-୭, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର

**ସାଦ୍ୟାନ୍ତ ଶତପଥୀ**
କ୍ଲାସ-୧, ମଦର୍ସ ପବ୍ଲିକ୍ ସ୍କୁଲ, ପୁରୀ

୧୦





## ଆସିଲାଣି ଖରା

**ଆ**ସିଲାଣି ଖରା ମାଡ଼ିମାଡ଼ି
ବହିଲାଣି ଝାଞ୍ଜି ଶିରିଶିରି
ଝାଞ୍ଜି ପବନରେ ମୁହଁ ତାତିଯାଏ
ଝାଳ ବହିଯାଏ ଝରିଝରି ।
ବଇଶାଖ ତାତି ଦାଉ ଭାରି
ପଖାଳ କଂସାରେ ମନ ଭାରି
ତୋରାଣି ମୁନ୍ଦିଏ ତୁଣ୍ଡେ ପଡ଼ିଗଲେ
ମନ ହୋଇଯାଏ ତୃପ୍ତ ଭାରି
ଦିନୁ ଦିନୁ ଖରା ଯାଏ ବଢ଼ି
ଶୁଖେ ନଈ ଭୂଇଁ ଯାଏ ଜଳି
ବରଷା ପାଗକୁ ଚାତକ ପରାଏ
ଚାହିଁ ଚାହିଁ ଦିନ ଯାଏ ସରି
ଆସିଲାଣି ଖରା ମାଡିମାଡି ।

– ଅର୍ଚ୍ଚନା କର
*ନୟାପଲ୍ଲୀ, ଭୁବନେଶ୍ୱର*

କ ବି ତା

## ଗ୍ରୀଷ୍ମର ରାଜତ୍ୱ

**ବ**ସନ୍ତ ଧରାରୁ ବିଦାୟ ନେଇକି
ଧୀରେ ଧୀରେ ଫେରିଯାଏ
ଡହ ଡହ ଖରା ମାଡି ମାଡି ଆସେ
ଗ୍ରୀଷ୍ମର ରାଜତ୍ୱ ହୁଏ ।
ବୈଶାଖ ଠାରୁ ଜ୍ୟେଷ୍ଠ ତାପ ବଢେ
ଦେହ ହାତ ପୋଡି ଯାଏ
ବିଧିର ବିଧାନ ଅଟଇ ବିଚିତ୍ର
ଭାଙ୍ଗି ପାରିବ ବା କିଏ ?
ଆମ୍ବ ପଣସର ଉପହାର ନେଇ
ତାଳସଜ ସାଥେ ଜାମୁଡୋଳ ଫଳେ
ଖାଇବାକୁ ମନ ଖୋଜେ ।
ଫୁଟି ତରଭୁଜ ବେଲ ଲିଚୁ ସବୁ
ଅତି ସୁମଧୁର ଲାଗେ
ମାଟି ସୁରେଇର ପାଣି ଥଣ୍ଡା ଲାଗେ
ଶୀତଳତା ଦେହ ମାଗେ ।
ସୁରୁଜଙ୍କ ତାପ ସତେ ନିଆଁ ଝୁଲ
ବାଟୋଇ ହାଲିଆ ହୁଏ
ସୁରୁଜଙ୍କ ତାପ ବଢି ବଢି ଚାଲେ
ବୃକ୍ଷଲତା ଜଳିଯାଏ ।
ରହି ହୁଏ ନାହିଁ ଘରେ କି ବାହାରେ
ଜଳିଯାଏ କେତେ ବନ
ଅଗ୍ନିକାଣ୍ଡ ଘଟେ ଅସାବଧାନରୁ
ଜଳଇ ଧନ ଜୀବନ ।
ଗଡିଆ ପୋଖରୀ ନଈ ନାଳ କୂଅ
ଶୁଖିଯାଏ ଜଳ ଉତ୍ସ
ଜଳ ବିନା ଜୀବ ଡହଳ ବିକଳ
ଜୀବନଟା ଲାଗେ ତୁଚ୍ଛ ।
ପଣା ସଙ୍କରାନ୍ତି ଚନ୍ଦନ ପୂର୍ଣ୍ଣିମା
ସାବିତ୍ରୀ ବ୍ରତ ପାଳନ୍ତି ।
ଦୁଃଖ ପରେ ସୁଖ ଏଇତ ଜୀବନ
ଗ୍ରୀଷ୍ମ ପରେ ବର୍ଷା ଆସେ
ମେଘ ଖଣ୍ଡ ସୃଷ୍ଟି କରଇ ନିଦାଘ
ପ୍ରକୃତିରାଣୀ ଯେ ହସେ ।



– ଅରୁପ କୁମାର ବିଶ୍ୱାଳ
*ସହକାରୀ ଶିକ୍ଷକ, ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ*

# ଯମପଡ଼ାର ଗୌରବ ସ୍ମୃତିରଞ୍ଜନ

**କୌ**ଣସି ଶାରୀରିକ ଅକ୍ଷମତା ନେଇ ଜନ୍ମ ହୋଇଥିବା ଲୋକଙ୍କୁ ଆମେ ଭିନ୍ନକ୍ଷମ ବୋଲି କହୁ। ପ୍ରକୃତରେ ତାଙ୍କ ମଧ୍ୟରେ ଯେ କିଛି ନା କିଛି ଭିନ୍ନ ଧରଣର ସକ୍ଷମତା ଲୁକ୍କାୟିତ ଥାଏ, ତାହାର ରହିଛି ବହୁ ଐତିହାସିକ ଉଦାହରଣ। ସୁରଦାସଙ୍କଠାରୁ ହେଲେନ୍ କେଲରଙ୍କ ପର୍ଯ୍ୟନ୍ତ ଏହି ଦୃଷ୍ଟାନ୍ତ ଦେଖିବାକୁ ମିଳେ। ଭୁବନେଶ୍ୱରର ପଳାସପଲ୍ଲୀସ୍ଥିତ ନର୍ସରି ବଧିର ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଶ୍ରବଣଶକ୍ତିରହିତ ସ୍ମୃତିରଞ୍ଜନ ବାରିକ ସେହି ସ୍ତରର ନ ହେଲେ ବି ସେହି ଶ୍ରେଣୀର ନିଶ୍ଚୟ। ଗତ ଜାନୁୟାରୀ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚେନ୍ନାଇ ଠାରେ ଅନୁଷ୍ଠିତ ୨୩ତମ ଜାତୀୟ ବଧିର କ୍ରୀଡା ପ୍ରତିଯୋଗିତାରେ ଉଚ୍ଚ ଡିଆଁରେ ସ୍ୱର୍ଣ୍ଣପଦକ ହାସଲ କରି ସେ ଆମ ରାଜ୍ୟ ପାଇଁ ଆଣିଛନ୍ତି ଗୌରବ।



ସ୍ମୃତିରଞ୍ଜନ ବାରିକ

ସ୍ମୃତିରଞ୍ଜନ ୨୦୦୫ ମସିହା ଫେବୃୟାରୀ ମାସ ୧ରେ କେନ୍ଦ୍ରାପଡା ଜିଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଯମପଡା ଗ୍ରାମର ଏକ ନିମ୍ନ ଆୟକାରୀ କୃଷକ ପରିବାରରେ ଜନ୍ମଲାଭ କରିଥିଲେ। ତାଙ୍କ ପିତା ହରେକୃଷ୍ଣ ବାରିକ ଭୁବନେଶ୍ୱରରେ ଜଣେ କୁଶଳୀ ଶ୍ରମଜୀବୀରୂପେ କାର୍ଯ୍ୟରତ। ଆଜନ୍ମ ବଧିର ପୁତ୍ରର ଚିକିତ୍ସା ପାଇଁ ତାଙ୍କ ପାଖରେ ଯଥେଷ୍ଟ ସମ୍ବଳ ନଥିଲା। ତେବେ ସେ ତାଙ୍କୁ ବଧିର ବିଦ୍ୟାଳୟରେ ନାମ ଲେଖାଇବାକୁ ସମର୍ଥ ହୋଇଥିଲେ। ଅଧ୍ୟବସାୟୀ ସ୍ମୃତିରଞ୍ଜନ ଅଧ୍ୟୟନ ସଙ୍ଗେ ସଙ୍ଗେ କ୍ରୀଡାକ୍ଷେତ୍ରରେ ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଏହା ମୂଳରେ ଥିଲା ତାଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକିଶୋର ରାୟ ଏବଂ କ୍ରୀଡା ଶିକ୍ଷକ ଶରତଚନ୍ଦ୍ର ମଲ୍ଲିକଙ୍କ ପ୍ରେରଣା। ଅତଏବ ସେ ଏବେ ସର୍ବଭାରତୀୟ ସ୍ତରରେ ହାସଲ କରିଛନ୍ତି ସଫଳତା। ଏହି କୃତିକୁ ଆନ୍ତର୍ଜାତିକ ସ୍ତରରେ ଦୋହରାଇବାକୁ ତାଙ୍କର ଲକ୍ଷ୍ୟ ରହିଛି।




– ପ୍ର. ରମେଶ ଚନ୍ଦ୍ର ପରିଡା
*ଯମପଡା, ମାର୍ଶାଘାଇ, କେନ୍ଦ୍ରାପଡ଼ା*
*ମୋ:୯୯୩୭୯୮୫୭୬୭*

## କହିଲ ଦେଖି

୧) ଧୋବ ଫର ଫର ରୂପଟି ତା'ର
ପିଲାଠୁ ବୁଢାଙ୍କ ସିଏ ଆହାର
ବରଷା ଦିନରେ ଲାଗେ
ବଢିଆ
ତା ସାଥେ ମିଶିଲେ
ଖଣ୍ଡ ନଡିଆ ।



**ଉତ୍ତର: ମୁଢି**

୨)ଅଗଣାରେ ସିଏ ଭାସି
ବୁଲୁଥାଏ
ବରଷା ହୁଅଇ ଯେବେ
ନିମିଷକେ ପୁଣି ହଜି ଯାଉଥାଏ
ଚାହୁଁଚାହୁଁ ପୁଣି କେବେ ।

**ଉତ୍ତର: ପାଣିଫୋଟକା**





୩) ଗଛରେ ଫଳିଛି
ପ୍ରଥମ ଫଳ
ବେଳକାଳ ଦେଖିକର ଅମଳ
ଥରକରେ ଗଛ ହେବ ପାକଳ ।
ଫୁଲଟି ତାହାର ସାଜେ ପରିବା
ମଞ୍ଜିଟି ତାହାର ଭଲେ ରାନ୍ଧିବା
ପତରେ ତାହାର ଖାଦ୍ୟ ବାଢିବା
କଞ୍ଚା ପାଚିଲା ଫଳ ସବୁ ଖାଇବା ।

**ଉତ୍ତର: କଦଳୀ**

୪) ସକାଳେ ଆସି ସେ ସଞ୍ଜରେ
ଫେରେ
ରାତି ହେଲେ ଲୁଚି ରୁହେ ସେ
ଘରେ
ସଭିଙ୍କ ପାଇଁ ସେ ଉତ୍ତାପ ଦିଏ
ନାମଟି ତାହାର କହିବ କିଏ ।



**ଉତ୍ତର: ସୂର୍ଯ୍ୟ**

–**ପ୍ରଶାନ୍ତ କୁମାର ନାଥ**, *ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର*, ମୋ:୮୮୯୨୩୦୧୧୪୩

## ପାର୍ଥକ୍ୟ ଦର୍ଶାଅ



## ଏଥରର ପ୍ରଶ୍ନ

- କେଉଁ ଦେଶର ସମ୍ବିଧାନ ସବୁଠୁ ବଡ ?
- ଭାରତରେ ରାଜ୍ୟପାଳଙ୍କୁ କିଏ ନିଯୁକ୍ତି ଦେଇଥାନ୍ତି ?
- ଭାରତରେ କେତୋଟି କେନ୍ଦ୍ରଶାସିତ ଅଞ୍ଚଳ ରହିଛି ?
- ଭାରତୀୟ ସଂସଦ ବ୍ୟବସ୍ଥାରେ ଥିବା ଦୁଇଟି ଗୃହର ନାମ କ'ଣ ?
- ସଂସଦର ଉଭୟ ଗୃହର ବୈଠକରେ ସାଧାରଣତଃ କିଏ ସଭାପତିତ୍ୱ କରନ୍ତି ?

## ଆରଥରର ଉତ୍ତର

- ଦାଦା ସାହେବ ଫାଲକେ
- ରାଜା ହରିଶ୍ଚନ୍ଦ୍ର
- ଭାନୁ ଆଥୈୟା
- ଆଲାମ୍‌ଆରା
- ରାମୋଜୀ ଫିଲ୍ମ ସିଟି

# ଜଣା ଅଜଣା



✲ ଗାର୍ଡେନ ସ୍ନେଲ ପ୍ରଜାତି ଗେଣ୍ଡାର ପ୍ରାୟ ୧୪୦୦୦ ଦାନ୍ତ ଥାଏ । ଏହି ଦାନ୍ତଗୁଡ଼ିକ ଏହାର ଜିଭରେ ଧାଡ଼ି ଧାଡ଼ି ହୋଇ ରହିଥାଏ ।

✲ କିଟିଜ୍ ହଗ୍ ନୋଜ୍ଡ୍ ବ୍ୟାଟ୍ ହେଉଛି ପୃଥିବୀର ସବୁଠାରୁ ଛୋଟ ବାଦୁଡ଼ି ପ୍ରଜାତି । ଏହାର ଲମ୍ବ ୧ ରୁ ୧.୩ ଇଞ୍ଚ ମଧ୍ୟରେ ରହିଥାଏ ।





✲ ଉତ୍ତର ଏବଂ ଦକ୍ଷିଣ ଆମେରିକାରେ ଦେଖାଦେଉଥିବା କାର୍ଡିନାଲ ପକ୍ଷୀ ବେଳେବେଳେ ନିଜକୁ ପିମ୍ପୁଡ଼ି ଦ୍ୱାରା ଢାଙ୍କିଥାଏ । ପିମ୍ପୁଡ଼ିଙ୍କ ଦ୍ୱାରା ନିର୍ଗତ ହେଉଥିବା ଫର୍ମିକ ଏସିଡ୍ ଏହି ପକ୍ଷୀକୁ ବ୍ୟାକ୍ଟେରିଆ ତଥା ଫଙ୍ଗସ୍ ଠାରୁ ଦୂରେଇ ରଖେ ବୋଲି ବୈଜ୍ଞାନିକମାନେ ମତ ଦିଅନ୍ତି ।

✲ ୱେଷ୍ଟଇଣ୍ଡିଜ୍ ଏବଂ ଦକ୍ଷିଣ ଆମେରିକାରେ ଦେଖାଯାଉଥିବା ଇଗୁଆନାର ୩ଟି ଆଖିଥାଏ । ଯଦିଓ ମୁଣ୍ଡ ଉପରେ ଥିବା ଆଖିଟି ଅନ୍ୟ ଦୁଇ ଆଖି ଭଳି କାର୍ଯ୍ୟ କରି ନ ଥାଏ । କିନ୍ତୁ ଏହା ଆଲୋକ ଏବଂ ଅନ୍ଧାର ସମ୍ପର୍କରେ ସୂଚନା ଦେଇଥାଏ ।






✲ ଆମାଜନ ହେଉଛି ପୃଥିବୀର ସବୁଠାରୁ ବଡ ରେନ ଫରେଷ୍ଟ ଯାହା ୧.୨ ବିଲିୟନ୍ ଏକର ଅଞ୍ଚଳରେ ପରିବ୍ୟାପ୍ତ। ଏଠାରେ ୪୦ ହଜାର ପ୍ରଜାତିର ବୃକ୍ଷ, ୧୩୦୦ ପ୍ରଜାତିର ପକ୍ଷୀ, ୩ ହଜାର ପ୍ରଜାତିର ମାଛ, ୪୩୦ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଏବଂ ଅନେକ ପ୍ରଜାତିର କୀଟପତଙ୍ଗ ବାସ କରନ୍ତି।



✲ ଷ୍ଟ୍ରବେରୀର ରଙ୍ଗ ସାଧାରଣତଃ ନାଲି ହୋଇଥିବା ବେଳେ ଏଭଳି ମଧ୍ୟ କିଛି ଷ୍ଟ୍ରବେରୀ ଅଛି ଯାହାର ରଙ୍ଗ ଧଳା ବା ହଳଦିଆ ।  କିଛି ଷ୍ଟ୍ରବେରୀର ସ୍ୱାଦ ମଧ୍ୟ ପାଇନଆପଲ୍ ଭଳି ।

# ଆଇନା



ଚର୍ଚ୍ଚିତା ୭ ବର୍ଷ



ବାର୍ବି ୭ ବର୍ଷ



ଶଗୁନ୍ ୫ ବର୍ଷ